**LOYOLA SCHOOL, BHUBANESWAR**

**Half-Yearly Evaluation, September 2025**

**Class – V** **Subject:2nd Lang( Odia)** **F.M.=60** **Time: 1. ½ Hrs.**

**୧. ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ଲେଖ ।** **[2×8=16]**

କ. ପଳାଶ ଫୁଲ ଓ ଗଙ୍ଗଶିଉଳି ଫୁଲ ମଧ୍ୟରେ ପାର୍ଥକ୍ୟ କ'ଣ?

ଖ. ଆକାଶରେ କଳା ମଚମଚ ମେଘକୁ ଦେଖିଲେ କ'ଣ ହୁଏ ?

ଗ. କେଉଁ ମାନଙ୍କ ଆଦର୍ଶ ତାଙ୍କୁ ପିଲାଦିନୁ ଅନୁପ୍ରାଣିତ କରିଥିଲା ?

ଘ.ସୁଭାଷ ଚନ୍ଦ୍ର କ'ଣ ପ୍ରତିଜ୍ଞା କରିଥିଲେ ?

ଙ.ମାଟିର କ୍ଷୟ କୁ ଗଛ କିଭଳି ରକ୍ଷା କରେ ?

ଚ . ଜଳୀୟବାଷ୍ପ କହିଲେ ତୁମେ କ'ଣ ବୁଝୁଛ ?

ଛ . ଆଗେ ମଣିଷ ଜାତି କାହିଁକି ଗଛ ପୋତୁଥିଲା ?

ଜ . ପ୍ରକୃତିକୁ କିପରି ଜୟ କରିହେବ ?

**୨. ଶବ୍ଦଗୁଡ଼ିକର ଅର୍ଥ ଲେଖ ।** **[½×8=4]**

ଝଙ୍କାଳିଆ , ଏକତ୍ରିତ , ନିଦାଘ , କାରାବରଣ , ବିଶୋଧନ , ପାଦପ , ବିଷମ , ପ୍ରମାଦ

**୩. ବାକ୍ୟଗଠନ କର ।** **[1×5=5]**

ପରାଜୟ, ପୁଚ୍ଛ, ପ୍ରତିଜ୍ଞା, ବିରାଟ , ଅସ୍ୱାଭାବିକ

**୪. ବିପରୀତାର୍ଥବୋଧକ ଶବ୍ଦ ଲେଖ ।** **[½×4=2]**

ସୁଗମ , ଉପକାର , ନରକ , ଚେତନ

**୫. ଗୋଟିଏ ଲେଖାଏଁ ପ୍ରତିଶବ୍ଦ ଲେଖ ।** **[½×4=2]**

ଧରଣୀ , ଅରଣ୍ୟ , ସମୁଦ୍ର , ବୃକ୍ଷ

**୬. ଏକପଦରେ ପ୍ରକାଶ କର ।** **[1×3=3]**

କ . ନସାଧାରଣ - ଖ . ଯାହାର ମନ ଏକ - ଗ . ଯିଏ ଭାରତରେ ବାସ କରେ –

**୭. ରୂଢି ଗୁଡିକର ଅର୍ଥ ଲେଖ ।** **1×2=2**

କ . ଅହି ନକୁଳ ସମ୍ପର୍କ - ଖ . ବିରାଡ଼ି ବୈଷ୍ଣବ –

**୮. ଶୁଦ୍ଧ କରି ଲେଖ ।** **[½×4=2]**

ଶଷ୍ୟ - ଶୂରକ୍ଷା - ବିଶାକ୍ତ - ଆୟୁସ –

**୯. ଅସଜଡ଼ା ବାକ୍ୟକୁ ସଜାଡି ଲେଖ ।** [1×2=2]

କ . ଛିଡିଗଲେ ବୁଣିବାରେ ଜାଲ ଲାଗିଛି ମଧ ବାରମ୍ବାର ତା'ର ସେ ।

ଖ . ଦେଖି ଉଦୟ ରାଜାଙ୍କ ଦୃଶ୍ୟ ହେଲା ଏହି ଚେତନା ।

**୧୦. ସମୋଚ୍ଚାରିତ ଶବ୍ଦଗୁଡ଼ିକର ଅର୍ଥ ଲେଖ ।** [1×4=4]

| | | | |
|---|---|---|---|
| କ. ବଳି - | ଖ. ସତ - | ଗ. କୁଜନ - | ଘ. ଲକ୍ଷ୍ୟ - |
| ବଳୀ - | ଶତ - | କୂଜନ - | ଲକ୍ଷ – |

**୧୧. ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ ।** [8]

'ବର୍ଷାଋତୁ' କିମ୍ବା 'ପରିବେଶ ସୁରକ୍ଷା'

**୧୨. ପତ୍ରଲିଖନ ।** [5]

ସ୍ୱାଧୀନତା ଦିବସ କିପରି ପାଳନ କଲ ବର୍ଣ୍ଣନା କରି ବଡଭାଇ ଙ୍କ ନିକଟକୁ ପତ୍ର ।

**୧୩. ନିମ୍ନଲିଖିତ ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡିକର ଉତ୍ତର ଲେଖ ।** [1×5=5]

ଆଧୁନିକ ବିଜ୍ଞାନ ଜନଜୀବନକୁ ସମ୍ପୂର୍ଣ୍ଣ ରୂପେ ପ୍ରଭାବିତ କରୁଛି । ବିଜ୍ଞାନର ସାହାଯ୍ୟ ବିନା ମନୁଷ୍ୟ ମୁହୂର୍ତ୍ତେ ଚଳିବା କଷ୍ଟକର ବ୍ୟାପାର । ବିଜ୍ଞାନ ଦ୍ୱାରା ଆମର ମଧ ବହୁ ଅପକାର ସାଧିତ ହେଉଛି । ପରମାଣୁ ବୋମାର ଉଦ୍ଭାବନ ପୃଥିବୀ ଧ୍ୱଂସ ର କାରଣ ହୋଇପାରିଛି । ଏ ଧରାରେ ଶାନ୍ତି ବିରାଜମାନ କରିବାକୁ ହେଲେ ବିଜ୍ଞାନର ସଦୁପଯୋଗ ଆବଶ୍ୟକ । ଜନଜୀବନ କ୍ଷେତ୍ରରେ ବିଜ୍ଞାନର ଉପାଦେୟତାକୁ କେବେବି ଭୁଲି ହେବ ନାହିଁ । ବନ୍ୟା ,ବାତ୍ୟା ,ଭୂମିକମ୍ପ ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଜ୍ଞାନ ଦ୍ୱାରା ସମାଜକୁ ସତର୍କ ସୂଚନା ମିଳିଥାଏ । ତେଣୁ ବିଜ୍ଞାନ ର ସଠିକ ଉପଯୋଗ ପାଇଁ ଆମେ ସମସ୍ତେ ସଚେତନ ରହିବା ଉଚିତ ।

**ନିମ୍ନଲିଖିତ ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡିକର ଉତ୍ତର ଲେଖ ।**

କ. ବିଜ୍ଞାନ ବିନା ମଣିଷ କାହିଁକି ମୁହୂର୍ତ୍ତେ ଚଳିବା କଷ୍ଟକର ?

ଖ. ପୃଥିବୀ ଧ୍ୱଂସ ର କାରଣ କିଏ ହୋଇଛି ?

ଗ. ଧରାରେ ଶାନ୍ତି ପାଇଁ କ'ଣ ଆବଶ୍ୟକ ?

ଘ. କେଉଁ ସମୟରେ ବିଜ୍ଞାନ ଦ୍ୱାରା ଆମେ ସତର୍କ ହୋଇଥାଉ ?

ଙ. ଏହି ଅନୁଚ୍ଛେଦଟିର ଶୀର୍ଷକ ପ୍ରଦାନ କର ।

**********************ALL THE BEST*****************